ସକାଳ - ୩.୮.୨୦୨୩

# କୁକୁଡ଼ା ପାଳନ କରି ୪୯୯ ମହିଳା ସ୍ୱାବଲମ୍ବୀ

ସୁନ୍ଦରଗଡ଼,୨।୮ (ସମିସ)

ସୁନ୍ଦରଗଡ଼ ବନଖଣ୍ଡ ଅଧୀନ ଉଜଳପୁର ବନାଞ୍ଚଳରେ ୧୮ ଟି ବନସୁରକ୍ଷା ସମିତିର ୪୯୯ ମହିଳା କୁକୁଡ଼ା ପାଳନ ଦ୍ୱାରା ନିଜକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ସଫଳତାର ସହିତ ଅଗ୍ରସର ହେଉଛନ୍ତି। ଜଙ୍ଗଲ ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବାର ଉଦ୍ଦେଶ୍ୟ ନେଇ ୨୦୨୧ ମସିହା ଡିସେମ୍ବର ୧ ତାରିଖରୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସୁନ୍ଦରଗଡ଼ ବନଖଣ୍ଡର ଉଜଳପୁର ବନାଞ୍ଚଳରେ ଆରମ୍ଭ ହୋଇଥିଲା। ସୁନ୍ଦରଗଡ଼ ଖଣ୍ଡୀୟ ପରିଚାଳନା ଏକକ, ଉଜଳପୁର କ୍ଷେତ୍ର ପରିଚାଳନା ଏକକ ତଥା ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ନିୟମିତ ଭାବରେ ସଭା ସମିତି, ଲକ୍ଷ୍ୟ ଆଧାରିତ ଗୋଷ୍ଠୀ ବୈଠକ, ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ତଥା କ୍ଷେତ୍ର ପରିଦର୍ଶନର ଆୟୋଜନ କରାଯାଇଥିଲା। ଗ୍ରାମରେ ସହଭାଗିତା ମୂଳକ ଅଣୁ ଯୋଜନା ତଥା ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆୟଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରୋତ୍ସାହିତ କରାଯାଇ ସେମାନଙ୍କ ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ଋଣ ସଂଯୋଗୀକରଣ, ପ୍ରଶିକ୍ଷଣ ବ୍ୟବସ୍ଥା ନିୟମିତ ଭାବରେ କରାଯାଉଛି। ଏଥିରେ ପ୍ରେରଣା ପାଇ ଉଜଳପୁର ବନାଞ୍ଚଳର ୧୮ ଟି ବନସୁରକ୍ଷା ସମିତିର ୪୮ ଟି ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଟିଏ ସମଆଗ୍ରହୀ ଗୋଷ୍ଠୀ ଓ ଗୋଟିଏ ଅତି ଗରିବ ପରିବାର ଦ୍ୱାରା ବ୍ୟବସାୟିକ ଭିତ୍ତିରେ କୁକୁଡ଼ା ପାଳନ କରାଯାଉଛି। ଗ୍ରାମାଞ୍ଚଳକୁ ଅଲଗା କରି ସହରାଞ୍ଚଳ ପର୍ଯ୍ୟନ୍ତ ଦେଶୀ କୁକୁଡ଼ାର ଚାହିଦା ଅଧିକ ଥିବାବେଳେ ପାରମ୍ପରିକ କୁକୁଡ଼ା ପାଳନ ଧୀରେଧୀରେ ବିଲୁପ୍ତ ହେବାକୁ ବସିଲାଣି। ଏହାକୁ ଆଖି ଆଗରେ ରଖି ଏକ ଉଚିତ ପଦକ୍ଷେପ ସ୍ୱରୂପ ମହିଳାଙ୍କୁ ସଂଗଠିତ କରି ସୁନ୍ଦରଗଡ଼ ବନଖଣ୍ଡରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ବନସୁରକ୍ଷା ସମିତିର ଆବର୍ତ୍ତକ ପାଣ୍ଠି ସହାୟତାରେ ଏହି କୁକୁଡ଼ା ପାଳନ ବ୍ୟବସାୟ କରାଯାଉଛି। ଏ ପର୍ଯ୍ୟନ୍ତ ଉଜଳପୁର ବନାଞ୍ଚଳରେ ବନସୁରକ୍ଷା ସମିତିର ଆବର୍ତ୍ତକ ପାଣ୍ଠିରୁ ୨୫.୬୦ ଲକ୍ଷ ଟଙ୍କା ଋଣ ନେଇ ୪୯୯ ଜଣ ମହିଳା ଦେଶୀ ଓ ସୋନାଲୀ ପ୍ରଜାତିର କୁକୁଡ଼ା ପାଳନ କରୁଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଗତ ୬ ମାସ ମଧ୍ୟରେ ୧୨୬ ମହିଳା ୮.୨୫ ଲକ୍ଷ ଟଙ୍କାର କୁକୁଡ଼ା ବିକ୍ରି କରିବାରେ ସଫଳ ହୋଇଛନ୍ତି। ଅଦମ୍ୟ ଆଗ୍ରହ, ନୂଆଁ କିଛି କରିବାର ନିଶା, ସାମୂହିକ ସହଭାଗିତା ତଥା ନିଷ୍ଠା ଏବଂ ଉଦ୍ୟମ ବଳରେ ଗରିବ, ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ମହିଳାମାନେ କୁକୁଡ଼ା ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପାରମ୍ପରିକ ସାହାଯ୍ୟ ଏବଂ ସହଯୋଗରେ ଦେଶୀ କୁକୁଡ଼ା ପାଳନରୁ ଅଭୂତପୂର୍ବ ସଫଳତା ପାଇବା ସହିତ ଲକ୍ଷ ଦୁଇଲକ୍ଷ ରୋଜଗାର କରି ପରିବାରର ଆର୍ଥିକ ସ୍ଥିତି ମଜଭୁତ କରିବା ସହିତ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ଆନ୍ତଃବିଭାଗୀୟ ସଂଯୋଗୀକରଣ ଦ୍ୱାରା ନିୟମିତ ଭାବରେ ଟିକାକରଣ, ବଜାର ବ୍ୟବସ୍ଥା ତଥା ଋଣ ସଂଯୋଗୀକରଣ କରାଯାଉଛି।



## ବନଖଣ୍ଡ ଅଧିକାରୀଙ୍କ ମୁହଁରୁ...



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଆବର୍ତ୍ତକ ପାଣ୍ଠିର ସହାୟତାରେ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଆମ ସୁନ୍ଦରଗଡ଼ ବନଖଣ୍ଡରେ ଅନେକ ଗରିବ, ଅତି ଗରିବ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି ତଥା ଏକ ବିକଳ୍ପ ରୋଜଗାରର ପନ୍ଥା ପାଇ ପାରିଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଓ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ପାରମ୍ପରିକ ସଂସ୍କୃତି ଓ କୃଷି ହେଉଛି ଏହି ଦେଶୀ କୁକୁଡ଼ା ପାଳନ। ଯାହାକି ସୁନ୍ଦରଗଡ଼ ବନଖଣ୍ଡର ଅନେକ ଆଦିବାସୀ, ଗରିବ ମହିଳାଙ୍କୁ ଏକ ଚିରସ୍ଥାୟୀ ଜୀବିକା ଯୋଗାଇବାରେ ସହାୟକ ହେବ।

-ପ୍ରଦୀପ ମିରାସେ (ଆଇଏଫଏସ),
ସୁନ୍ଦରଗଡ଼